ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

28th

## ଭୁବନେଶ୍ୱର ଆଇଆଇଟି

ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଇଆଇଟିର

ସୁରକ୍ଷା କର୍ମୀ ଏବଂ ଏନସିସି ଛାତ୍ରଛାତ୍ରୀଙ୍କ ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ବୈଷୟିକ କ୍ଷେତ୍ରରେ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନର ମୁକାବିଲା କରିବା ସହ ଦେଶର ବିକାଶ ଲାଗି ଆଇଆଇଟି ଛାତ୍ରଛାତ୍ରୀ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଫେସର ଆର. କେ.ପଣ୍ଡା, ପ୍ରଫେସର ସୁଜିତ ରାୟ, ଡ଼.ଭି. ଆର.ପିଡ଼ିରେଡ଼ି, କୁଳ ସଚିବ ସୁବୋଧ କୁମାର, ଯୁଗ୍ମ କୁଳ ସଚିବ ଦେବରାଜ ରଥ, ଡ଼.ଶଙ୍କର୍ଷଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଜେଏମ୍ଏଫସି କୋର୍ଟ

ଜଟଣୀ ଜୁନିୟର ଡ଼ିଭିଜନ ସିଭିଲ ଜଜ୍ ତଥା ଜେଏମଏଫସି କୋର୍ଟରେ ଜେଏମଏଫସି ଧ୍ରୁବୀ ସୋଲାଙ୍କି ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୋର୍ଟ ପୁଲିସ,ସରକାରୀ ଓକିଲ ଏବଂ ଓକିଲ ସଂଘର ସଭ୍ୟ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

ଜଟଣୀ କଂଗ୍ରେସ କାର୍ଯ୍ୟାଳୟ ଏବଂ କୁଶମାଟି ପ୍ରଗତି ଯୁବକ ସଂଘରେ ବିଧାୟକ ସୁରେଶ କୁମାର ରାଉତରାୟ, ତରାବୋଇ ହାଇସ୍କୁଲରେ ସରପଞ୍ଚ ସାକିର ଆବ୍ରାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାଲିଛକ ସାହିସ୍ଥିତ ପ୍ରାକ୍ତନ ସୈନିକ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସମ୍ପାଦକ ସୁରେଶ କୁମାର ଛୋଟରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବାଛରାପାଟଣା ଜୟୀ ରାଜଗୁରୁ କ୍ଲବ ଏବଂ 'ଆଶା କିରଣ'ରେ ଅଧ୍ୟାପକ ବିଜୟ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜଟଣୀରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜନରାଜ୍ୟ ଦିବସ ପାଳନ କରାଯାଇଥିଲା।